ଧରିତ୍ରୀ DHARITRI
ମଙ୍ଗଳବାର, ୨୫ ଜାନୁୟାରୀ, ୨୦୨୨



# ଏସ୍‌ପିଙ୍କୁ ଘେରିଲେ ଅଭିଯୋଗକାରୀ

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ସଦର ଥାନା ହରେକୃଷ୍ଣପୁର ଗ୍ରାମର ଲିସାରାଣୀ ନାୟକଙ୍କ ମୃତ୍ୟୁ ଅଦ୍ୟାବଧି ରହସ୍ୟଘେରରେ ରହିଛି। ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବାପା ଆନନ୍ଦ ଚରଣ ଦେହୁରୀ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସୋମବାର ଆନନ୍ଦ ଚରଣ ଏବଂ ହରେକୃଷ୍ଣପୁର ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏହି ସମୟରେ ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ଫେରୁଥିବା ଏସ୍‌ପିଙ୍କ ଗାଡ଼ିକୁ ଅଭିଯୋଗକାରୀମାନେ ଅଟକାଇଥିଲେ।



ଅଭିଯୋଗକାରୀମାନେ ଏସ୍‌ପିଙ୍କ ଗାଡ଼ି ଆଗରେ ଛିଡା ହୋଇଛନ୍ତି।

କାର୍ଯ୍ୟାଳୟକୁ ଆସି ବିଧିବଦ୍ଧ ଭାବେ ଅଭିଯୋଗ କରିବାକୁ ଏସ୍‌ପି କହିବା ପରେ ଆନ୍ଦୋଳନକାରୀମାନେ ଗାଡ଼ି ଆଗରୁ ହଟିଥିଲେ।

ଗତ ୨୦ ତାରିଖରେ ଲିସାରାଣୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ସୂଚନା ପାଇ ବାଇକ୍‌ରେ ଘରକୁ ଆସୁଥିବା ବେଳେ ଗଁଦିଆ ଥାନା ବିଶ୍ୱନାଥପୁର ନିକଟରେ ସ୍ୱାମୀ ଦିଲୀପ ନାୟକଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆନନ୍ଦ ଚରଣଙ୍କ ଅଭିଯୋଗ ଅନୁଯାୟୀ, ୬ମାସ ତଳେ ଦିଲୀପଙ୍କ ସହ ଝିଅ ଲିସାରାଣୀଙ୍କ ବିବାହ ହୋଇଥିଲା। ତେବେ ଏଥିରେ ଦିଲୀପଙ୍କ ପରିବାର ଲୋକଙ୍କ ସହମତି ନ ଥିଲା। ଏହି କାରଣରୁ ଶାଶୁଘରେ ଲିସାରାଣୀଙ୍କୁ ନିର୍ଯାତନା ଦିଆଯାଉଥିଲା। ଏହାକୁ ନେଇ

### ରହସ୍ୟରେ ଲିସାରାଣୀଙ୍କ ମୃତ୍ୟୁ

ଝିଅଜ୍ୱାଇଁ ଚାପରେ ଥିଲେ। ଲିସାଙ୍କ ମୃତଦେହରେ କ୍ଷତ ଚିହ୍ନ ରହିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେଉଛି। ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ହରେକୃଷ୍ଣପୁର ଗ୍ରାମର ସନାତନ ବେହେରା, କୃତ୍ତିବାସ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ସନ୍ତୋଷ ରାଜ, ଅଭୟ ସାହୁ, ତ୍ରିନାଥ ପ୍ରଧାନ ପ୍ରମୁଖ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ଲୋଗାନୟାଗି ଦିବ୍ୟା ଭି. କୁହନ୍ତି, ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ମିଳିବା ପରେ ବିଧିବଦ୍ଧ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସ



**ପରଜଙ୍ଗ, ୨୪।୧(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ସରାଙ୍ଗ ଅଲକାପାଟଣା ସାହିରେ ଥିବା ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୨୨ ତାରିଖରେ ସାମାଜିକ ଦୂରତ୍ୱ ରକ୍ଷା କରି କଳସ ଯାତ୍ରା ଆୟୋଜିତ ହୋଇଥିଲା। ସୋମବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ୩ଦିନ ଧରି ଆୟୋଜିତ ହୋମଯଜ୍ଞ କାର୍ଯ୍ୟକ୍ରମରେ ପ୍ରମୋଦ ଖୁଣ୍ଟିଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ସମ୍ପାଦକ ଅନଙ୍ଗ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

### ଜିଲାଜଜ୍‌ଙ୍କ କୋର୍ଟ କଣ୍ଟେନମେଣ୍ଟ ଜୋନ୍

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲା ଜଜ୍‌ଙ୍କ କୋର୍ଟରେ କାର୍ଯ୍ୟରତ ୧୦ରୁ ଊର୍ଦ୍ଧ୍ୱ ଅଧିକାରୀ ଏବଂ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଫଳରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ୨୪ ତାରିଖ ସକାଳ ୭ଟାରୁ ୨୭ ତାରିଖ ସକାଳ ୭ଟା ଯାଏ ଅଦାଲତ ପରିସରକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ସମୟରେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

### ୬ ହଜାର ଟଙ୍କା ଜରିମାନା ଆଦାୟ

**ବଇଣ୍ଡା,୨୪।୧(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥର ରାଣୀଭୂଇଁ ନିକଟରେ ସୋମବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକାଇ ଲାଇସେନ୍ସ, ସିଟ୍ ବେଲ୍ଟ, କାଗଜପତ୍ର, ହେଲ୍‌ମେଟ ଯାଞ୍ଚ କରାଯାଇଥିଲା। ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୬ ହଜାର ଟଙ୍କା ଓ ମାସ୍କ ଯାଞ୍ଚ କରାଯାଇ ୧୪ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଥାନାର ମୋବାଇଲ ଷ୍ଟାଫ୍ ଏହି ଯାଞ୍ଚ କରିଥିଲେ।

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୪।୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମହୁଲନାଳି ଗ୍ରାମର ପ୍ରଭାସିନୀ ନାୟକଙ୍କୁ ତାଙ୍କ ସ୍ୱାମୀ ଧ୍ରୁବ ଚରଣ ନାୟକ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୦/୨୨ରେ ଏକ ମାମଲା ରୁଜୁ କରିଛି। ପ୍ରଭାସିନୀ ଘରେ ଥିବାବେଳେ ପାରିବାରିକ କଳହକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ଶିଶୁକନ୍ୟା ଦିବସ

**ଢେଙ୍କାନାଳ ଅଫିସ, ୨୪।୧:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଭର୍ଚୁଆଲ୍ ମୋଡ୍‌ରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଅନ୍ତେବାସୀମାନେ ଏଥିରେ ସାମିଲ ହୋଇଥିଲେ। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଦିବସ ପାଳନର ମହତ୍ତ୍ୱ, କନ୍ୟା ସନ୍ତାନଙ୍କ ଲାଗି ରହିଥିବା ଆଇନ ବିଷୟରେ ଅନ୍ତେବାସୀଙ୍କୁ ବୁଝାଇବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୨୪।୧:** ଢେଙ୍କାନାଳ ସହର ଶ୍ୟାମାଚରଣପୁରରେ ରହୁଥିବା ଆଇନଜୀବୀ ଦୀପ୍ତିଶ ପଟ୍ଟନାୟକଙ୍କ ସ୍ତ୍ରୀ ସରୋଜିନୀ ପଟ୍ଟନାୟକଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ହୋଇଥିଲା। ଜଣେ ଧର୍ମପ୍ରାଣା ମହିଳା ଏବଂ ସାମାଜିକ କର୍ମୀ ଭାବେ ସେ ସୁପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ତଥା ଆଇନଜୀବୀ ଦେବାଶିଷ ପଟ୍ଟନାୟକ, ସାନପୁଅ ଆଇନଜୀବୀ ଦୀପ୍ତିମୟ ପଟ୍ଟନାୟକ, ଜ୍ୱାଇଁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସରୋଜିନୀଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଦ୍ୟୁତ୍ ଫାଶରେ ଶିକାରୀ ମୃତ

**ବଇଣ୍ଡା, ୨୪।୧(ଡି.ଏନ୍.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ନୁହୁରାପଦା ନିକଟ ଜଙ୍ଗଲରେ ରବିବାର ଭୋର୍ ସମୟରେ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ଶିକାରୀଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ବିଦ୍ୟୁତ୍ ତାରରେ ଛନ୍ଦିହୋଇ ଏକ ବାର୍‌ହା ଜୀବନ ମଧ୍ୟ ଯାଇଛି। ତେବେ ଏହି ଘଟଣାକୁ ଚପାଇ ଦେବାକୁ ଜୋର୍‌ଦାର ଉଦ୍ୟମ କରାଯାଇଥିବାବେଳେ ଉଭୟ ମୃତଦେହକୁ ଗାଏବ କରି ଦିଆଯାଇଛି।

ସମ୍ପୃକ୍ତ ଅଞ୍ଚଳରେ କିଛିଦିନ ହେବ ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର ହେଉଛି। ଶନିବାର ରାତିରେ ଜଙ୍ଗଲ ଦେଇ ଟଣାଯାଇଥିବା ୧୧ କେ.ଭି. ତାରରୁ କେତେଜଣ ଶିକାରୀ ହୁକ୍ ପକାଇ ବିଦ୍ୟୁତ୍ ତାର ବିଛାଇଥିଲେ। ଏହି ଫାଶରେ ପଡ଼ି ଏକ ବାର୍‌ହାର ମୃତ୍ୟୁ ଘଟିଥିଲା। ମୃତ ବାର୍‌ହାକୁ ଆଣିବାକୁ ଯାଇଥିବାବେଳେ ଅଞ୍ଚଳର ଜଣେ ୩୭ ବର୍ଷ ବୟସ୍କ ଶିକାରୀ ବିଦ୍ୟୁତ୍ ତାରରେ ଛନ୍ଦି ହୋଇଯାଇଥିଲେ। ଅନ୍ୟ ସହଯୋଗୀମାନେ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରିବା ସହ ମୃତଦେହକୁ ଗାଏବ କରିଦେବା ସହିତ ବାର୍‌ହା ମାଂସକୁ ଜିଲା ବାହାରକୁ ଚାଲାଣ କରିଦେଇଥିବା ଅଞ୍ଚଳରେ

### ଘଟଣାକୁ ଚପାଇଦେବାକୁ ଉଦ୍ୟମ

ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ସୂଚନା ପାଇ ଠାକୁରଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ହେଁ ମୃତଦେହର କୌଣସି ସନ୍ଧାନ ପାଇନାହିଁ। ସୂଚନାଯୋଗ୍ୟ, ମାସେ ତଳେ ବାଡ୍ରାଖୋଲ ଜଙ୍ଗଲରେ ବିଦ୍ୟୁତ୍ ଫାଶରେ ପଡ଼ି ଏକ କଲରାପତରିଆ ବାଘର ଜୀବନ ଯାଇଥିଲା। ଜଙ୍ଗଲରେ ଶିକାରୀ ସକ୍ରିୟ ହୋଇଉଠିଥିବାବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାପଘରା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଘଟଣା ସଂକ୍ରାନ୍ତରେ ଠାକୁରଗଡ଼ ଥାନା ଆଇଆଇସି ପୀତାମ୍ବର ନାୟକଙ୍କ ମତାମତ ଲୋଡ଼ିବାରୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କହି ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କୁହନ୍ତି, ଘଟଣାର ତଦନ୍ତ କରାଯିବ। ଧଣ୍ଡାତୋପା ରେଞ୍ଜର ରବିନାରାୟଣ ମହାନ୍ତି କୁହନ୍ତି, ଏଭଳି କୌଣସି ଅଭିଯୋଗ ହୋଇନାହିଁ। ତଥାପି ବନ ବିଭାଗ ପକ୍ଷରୁ ତଦନ୍ତ କରାଯିବ।

# ଟ୍ରକ୍ ପଛରେ ପିଟିହେଲା ବୋଲେରୋ

**ଛେଣ୍ଡିପଦା,୨୪।୧(ସ୍ୱ.ପ୍ର.)**



ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ଗୁଡ଼ିମଡ଼ା ଜଙ୍ଗଲ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ୧୪ ଚକିଆ ଟ୍ରକ୍ ପଛରେ ବୋଲେରୋ ପିଟି ହେବାରୁ ଚାଳକ କୋଶଳା ଗ୍ରାମର ସିକୁ ଦେହୁରୀ ଗୁରୁତର ହୋଇଛନ୍ତି। ଗେଲ୍ ଇଣ୍ଡିଆ ପାଇପ୍‌ଲାଇନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଉକ୍ତ ବୋଲେରୋ (ନଂ. ଓଡ଼ି ୧୯ ଜେ-୦୪୨୩) ଛେଣ୍ଡିପଦାରୁ କୋଶଳା ଅଭିମୁଖେ ନେଇ ଯାଉଥିବାବେଳେ ଅନୁଗୋଳ ଅଭିମୁଖେ ଆସୁଥିବା ଚାଉଳ ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ସେହି ରାସ୍ତା ଦେଇ ଯାଉଥିବା କେତେଜଣ ଲୋକ ଗୁରୁତର ଚାଳକ ସିକୁଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

# ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ



ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲାରେ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟରେ କରୋନା ମାର୍ଗଦର୍ଶିକା ଅନୁଯାୟୀ ଆୟୋଜିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲାରେ ବିଭିନ୍ନ ସ୍ଥାନରେ ଲାଗିଥିବା ଏବଂ ଦୃଷ୍ଟିଗୋଚରକୁ ଆସୁ ନ ଥିବା ସରକାରୀ ପୋଷ୍ଟର, ହୋର୍ଡିଂ, ବ୍ୟାନର ହଟାଇବା, ଆଚରଣବିଧି ଉଲ୍ଲଂଘନ ହେଲେ ଦୃଷ୍ଟିକୁ ଆଣିବାକୁ ଜିଲାପାଳ ସରୋଜ କୁମାର ସେଠୀ ପରାମର୍ଶ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପାଳନ କରି ପ୍ରଚାର କରିବା, ପ୍ରଚାର ବେଳେ କରୋନା ସତର୍କତା ରକ୍ଷା, ଆଦର୍ଶ ଆଚରଣ ବିଧିକୁ ସମ୍ମାନ ଜଣାଇବା ଲାଗି ସାଧାରଣ ପର୍ଯ୍ୟବେକ୍ଷକ ମନୋଜ କୁମାର ମହାନ୍ତି ପରାମର୍ଶ ଦେଇଛନ୍ତି। ବୈଠକରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ପିଡିଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ ଧନ୍ୟବାଦ ଦେଇଥିଲେ।

# ଜାତୀୟ ପରେଡ୍‌ରେ ଭାଗନେବେ ପ୍ରୀତିମୟୀ

**ଢେଙ୍କାନାଳ ଅଫିସ, ୨୪।୧:** ଢେଙ୍କାନାଳ ଜିଲା କାମାକ୍ଷାନଗର କଲେଜ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ବିଭାଗର ଛାତ୍ରୀ ପ୍ରୀତିମୟୀ ମହାନ୍ତି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିବେ। ଆର୍‌ଡିସି କ୍ୟାମ୍ପ ଜରିଆରେ ଓଡ଼ିଶାରୁ ଚୟନ ହୋଇଥିବା ୫୬ କ୍ୟାଡେଟ୍‌ଙ୍କ ମଧ୍ୟରୁ ରାଜପଥରେ ଆୟୋଜିତ ହେବାକୁ ଥିବା ପରେଡ୍‌ରେ ୭ଜଣ ଝିଅ ଭାଗନେବେ। ତନ୍ମଧ୍ୟରେ ପ୍ରୀତିମୟୀ ଅନ୍ୟତମ। ଏଥିଲାଗି ସେ ଦିଲ୍ଲୀରେ ପହଞ୍ଚିଛନ୍ତି। ଢେଙ୍କାନାଳ ୧୨-ଓଡ଼ିଶା ବିଏନ୍ ଏନ୍‌ସିସି ପକ୍ଷରୁ ପ୍ରୀତିମୟୀଙ୍କୁ ଚୟନ କରାଯାଇଥିଲା। ପ୍ରୀତିମୟୀଙ୍କ ଘର ତୁମୁସିଙ୍ଗା ଥାନା ନୂଆରାଙ୍କିଆ ଗୁନେଇବିଲି ଗ୍ରାମରେ। ତାଙ୍କ ବାପା ନବକିଶୋର ମହାନ୍ତି। ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟ ଛାତ୍ର କେ. ଭେଙ୍କଟେଶ ରାଓ ମଧ୍ୟ ଏଥିଲାଗି ମନୋନୀତ ହୋଇଛନ୍ତି।




# ଅସୁସ୍ଥ ହାତୀର ଚିକିତ୍ସା ଜାରି

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲା ମହାବିରୋଡ୍ ରେଞ୍ଜ୍ ଖେସରା ଜଙ୍ଗଲରୁ ଉଦ୍ଧାର ହୋଇ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଆସିଥିବା ଅସୁସ୍ଥ ହାତୀର ଚିକିତ୍ସା ଜାରି ରହିଛି। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ହାତୀ ପାଟିରେ ଏକ ଛୋଟ ଧରଣର ଅସ୍ତ୍ରୋପଚାର କରାଯାଇଛି। ସେ ଧୀରେ ଧୀରେ ସୁସ୍ଥ ହେଉଥିବା ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଠ ଛାଡ଼ି ଏକ୍ଲା ହୋଇଯାଇଥିବା ଆନୁମାନିକ ୬ବର୍ଷର ଉକ୍ତ ମାଇ ହାତୀଟି ଆମ୍ବପଳାସ ଅଞ୍ଚଳରେ ବୁଲୁଥିବାବେଳେ କୌଣସି କାରଣରୁ ତାହାର ପାଟିରେ ଆଘାତ ଲାଗି ସଂକ୍ରମଣ ହୋଇଥିଲା। ଘା’ ଧୀରେ ଧୀରେ ଗୁରୁତର ହେଉଥିବାରୁ ସେ ଖିଆପିଆ କରି ନ ପାରି ଦୁର୍ବଳ ହୋଇପଡ଼ିଥିଲା। ହାତୀଟି କୌଣସି ବିସ୍ଫୋରକ ସାମଗ୍ରୀ ଖାଇଦେଇଥିବା ଅନୁମାନ କରାଯାଉଥିବାବେଳେ ବନ ବିଭାଗ ଏହାକୁ ଖଣ୍ଡନ କରିଥିଲା। ଅଧିକ ଚିକିତ୍ସା ଲାଗି ଗତ ୧୬ ତାରିଖରେ ଏହାକୁ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା।

### ମୋବାଇଲ ଚୋରି ଅଭିଯୁକ୍ତଙ୍କୁ ନିସ୍ତୁକ ମାଡ଼

**ଭୁବନ, ୨୪।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଦୈନିକ ପରିବା ବଜାରରେ ସୋମବାର ମୋବାଇଲ ଚୋରି କରୁଥିବାବେଳେ ୨ ଅଭିଯୁକ୍ତ ଧରାପଡ଼ି ନିସ୍ତୁକ ମାଡ଼ ଖାଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ହେପାଜତକୁ ନେଇ ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କୁହନ୍ତି, ଅଟକ ବ୍ୟକ୍ତିଦ୍ୱୟ ଯାଜପୁର ଜିଲାର। ସେମାନଙ୍କୁ ପଚରାଉଚୁରା କରାଯାଉଛି। ତେବେ ଏ ନେଇ ପୋଲିସ ନିକଟରେ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଦୈନିକ ବଜାରରେ ସୁକିନ୍ଦା ଏବଂ ଭୁବନ ଅଞ୍ଚଳର ୩ଜଣ ବ୍ୟକ୍ତି ପରିବା କିଣୁଥିବାବେଳେ ସମ୍ପୃକ୍ତ ୨ ଅଭିଯୁକ୍ତ ସେମାନଙ୍କ ପକେଟରୁ ମୋବାଇଲ ଚୋରି କରିବାକୁ ଉଦ୍ୟମ କରୁଥିଲେ। ତେବେ ନିକଟରେ ଥିବା କେତେଜଣ ଯୁବକ ସେମାନଙ୍କୁ କାବୁ କରି ନେବା ସହ ନିସ୍ତୁକ ପିଟିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଦୁଇଜଣଙ୍କୁ ହେପାଜତକୁ ନେଇଥିଲା।

### ଫ୍ୟାକ୍ଟ୍ରିଜ୍ ଆଣ୍ଡ୍ ବଏଲର୍ସ କାର୍ଯ୍ୟାଳୟରୁ ଚୋରି

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଫ୍ୟାକ୍ଟ୍ରିଜ୍ ଆଣ୍ଡ୍ ବଏଲର୍ସ ଅତିରିକ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗେଟ୍ ତାଲା କାଟି ଗୋଟିଏ ଏସି, କମ୍ପ୍ରେସର, ଷ୍ଟାବିଲାଇଜର, କମ୍ପ୍ୟୁଟର, ସିପିୟୁ, ୨ଟି ଇନଭର୍ଟର, ୨ଟି ବ୍ୟାଟେରି ନେଇଯାଇଛନ୍ତି। କାର୍ଯ୍ୟାଳୟ ଉପକରଣ ଭଙ୍ଗାରୁଜା କରିବା ସହ କେତେକ ପ୍ରକୋଷ୍ଠରେ ଥିବା ସାନିଟାରି ସାମଗ୍ରୀ ମଧ୍ୟ ନେଇଯାଇଛନ୍ତି। ଏ ନେଇ ଅତିରିକ୍ତ ନିର୍ଦ୍ଦେଶକ ଇଂ. ପୁଷ୍ପମିତ୍ର ଜେନା ସୋମବାର ଟାଉନ ଥାନାରେ ଅଭିଯୋଗ କରିବା ପରେ ନଂ. ୪୩/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ୯୬ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୪।୧**

ଢେଙ୍କାନାଳ ଜିଲାରୁ ସୋମବାର ୯୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ୧୩୪ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୧୭, ଭୁବନ ବ୍ଲକରୁ ୧୦, ସଦର ବ୍ଲକରୁ ୧୮, ଗଁଦିଆ ବ୍ଲକରୁ ୭, ହିନ୍ଦୋଳ ବ୍ଲକରୁ ୧, କାମାକ୍ଷାନଗର ବ୍ଲକରୁ ୨ ଓ ଏନ୍‌ଏସିରୁ ୩, କଙ୍କଡ଼ାହାଡ଼ ବ୍ଲକରୁ ୧, ଓଡ଼ାପଡ଼ା ବ୍ଲକରୁ ୨୪, ପରଜଙ୍ଗ ବ୍ଲକରୁ ୭ ଏବଂ ଅନ୍ୟ ଚିକିତ୍ସାଳୟରୁ ୬ଜଣ ରହିଛନ୍ତି। ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୬୩କୁ ହ୍ରାସ ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

**ବଇଣ୍ଡା, ୨୪।୧(ଡି.ଏନ୍.ଏ.)**

କିଶୋରନଗରସ୍ଥିତ ଯୁକ୍ତ ୨ କଲେଜର ଅବସରପ୍ରାପ୍ତ କର୍ମଚାରୀ ତଥା ହିମିରିରା ଗ୍ରାମର ପ୍ରେମାନନ୍ଦ ସାହୁ (୬୪)ଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ କଲେଜରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରେମାନନ୍ଦଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଝିଅ ବାହାଘର ଗୁଆ ଦେବାକୁ ଯାଇ ଫେରିଲେନି



ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

- ଦୁର୍ଘଟଣାରେ ଚାଲିଗଲା ବାପାଙ୍କ ଜୀବନ
- ତୀବ୍ର ଉତ୍ତେଜନା, ଏନ୍‌ଏଚ୍ ୫୫ ଅବରୋଧ
- ଟ୍ରକ୍ ମାଲିକ ଦେଲେ ୧.୮ ଲକ୍ଷ କ୍ଷତିପୂରଣ

**ଢେଙ୍କାନାଳ ଅଫିସ, ୨୪।୧**

ଝିଅ ବାହାଘର ପାଇଁ ମାମୁ ଘରକୁ ଦେବାକୁ ଯାଉଥିଲେ ଗୁଆ। ହେଲେ ରାସ୍ତାରେ ଆଇରନ୍ ବୋଝେଇ ଟ୍ରକ୍ ସାଜିଲା ମୃତ୍ୟୁର ଦୂତ ଏବଂ ଦୁର୍ଘଟଣାରେ ସବୁଦିନ ପାଇଁ ଅଫେରା ରାଇଜକୁ ଚାଲିଗଲେ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମଙ୍ଗଳପୁର ଗ୍ରାମର ଚିନ୍ତାମଣି ସାହୁ (୪୦)। ସୋମବାର ଅପରାହ୍ନ ପ୍ରାୟ ୨ଟାରେ ୫୫ନଂ. ଜାତୀୟ ରାଜପଥର ଇଟାପ ଓଭରବ୍ରିଜ୍ ନିକଟରେ ଘଟିଥିବା ଏଭଳି ଏକ ଦୁଃଖଦ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଞ୍ଚଳବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କଣ୍ଟାବଣିଆ ଥାନାରେ ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଥାନାଧିକାରୀ ସବିତା ପାତ୍ର, ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ ମୃତକଙ୍କ ପରିବାରକୁ ୧ ଲକ୍ଷ ୮୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ସହମତ ହୋଇଛନ୍ତି। ସେହିପରି ଜାତୀୟ ରାଜପଥରେ ହୋଇଥିବା ଖାଲଖମା ମରାମତି କରିବା ସହ ଯାନବାହନ ଚଳାଚଳ ସୁଗମ କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହାପରେ ରାସ୍ତା ଅବରୋଧ ହଟିଥିଲା।

ପୋଲିସ ସୂଚନା ଅନୁଯାୟୀ, ଆସନ୍ତା ଫେବୃୟାରୀ ୫ରେ ଚିନ୍ତାମଣିଙ୍କ ଝିଅ ବାହାଘର ସ୍ଥିର ହୋଇଛି। ଏଥିଲାଗି ସେ ମାମୁ ଘର ବିଡୋ ଗ୍ରାମକୁ ଗୁଆ ଦେବା ପାଇଁ କଣ୍ଟାବଣିଆ ଛକରୁ ବାଇକ୍‌ରେ ଯାଉଥିଲେ। ଇଟାପ ଓଭରବ୍ରିଜ୍ ନିକଟରେ ଟାଟାଷ୍ଟିଲ୍ କମ୍ପାନୀକୁ ଆଇରନ୍ ଧରି ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଶ୍ରମିକଙ୍କୁ ଘୋଷାରି ନେଲା ହାଇୱା

**ପରଜଙ୍ଗ, ୨୪।୧(ଡି.ଏନ୍.ଏ.):** ପରଜଙ୍ଗ ଥାନା ଅଧୀନ ବଡ଼ଝରା ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ସୋମବାର ଅପରାହ୍ନରେ ହାଇୱା ଧକ୍କାରେ ପ୍ରଫୁଲ୍ଲ ପଣ୍ଡା ନାମକ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ କାମରୁ ଫେରି ଗାଁ ପାଖ ପୋଖରୀରେ ଗାଧୋଇ ରାସ୍ତା ପାର୍ ହେଉଥିବାବେଳେ ଏନ୍‌ଏଚ୍ କାର୍ଯ୍ୟରେ ନିୟୋଜିତ କୁନାଲ କମ୍ପାନୀର ଉକ୍ତ ହାଇୱା ଧକ୍କାଦେବା ସହିତ ତାଙ୍କୁ କିଛି ବାଟ ଘୋଷାରିନେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। କମ୍ପାନୀ ଅଧିକାରୀ ପହଞ୍ଚି ଆହତଙ୍କ ପରିବାରକୁ ୧୦ ହଜାର ଟଙ୍କା କ୍ଷତିପୂରଣ ଦେବା ପରେ ରାସ୍ତାରୋକୋ ହଟିଥିଲା। ରାସ୍ତା ଅବରୋଧ ଯୋଗୁ ୨ ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା।

